**କତର ରାଷ୍ଟ୍ରର ମହାମହିମ ଅମୀରଙ୍କ ଭାରତ ଗସ୍ତ (ଫେବୃୟାରୀ 17-18, 2025)**

ଫେବୃୟାରୀ 15, 2025

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ କତର ରାଷ୍ଟ୍ରର ଅମୀର ମହାମହିମ ଶେଖ ତାମିମ୍ ବିନ୍ ହମାଦ ଅଲ୍-ଥାନୀ 17-18 ଫେବୃଆରୀ, 2025 ରେ ଭାରତ ଗସ୍ତ କରିବେ। ସେ ଅନେକ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟ ପ୍ରତିନିଧିମଣ୍ଡଳ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ସହିତ ଏଠାକୁ ଆସିବେ। ଏହା କତରର ମହାମହିମ ଅମୀରଙ୍କର ଦ୍ୱିତୀୟ ଭାରତ ଗସ୍ତ ଅଟେ। ପୂର୍ବରୁ 2015 ମାର୍ଚ୍ଚ ମାସରେ ଏକ ସରକାରୀ ଗସ୍ତରେ ମହାମହିମ ଭାରତ ଗସ୍ତରେ ଆସିଥିଲେ।

2. କତର ରାଷ୍ଟ୍ରର ମହାମହିମ ଅମୀରଙ୍କୁ 18 ଫେବୃଆରୀ 2025 ରେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଆନୁଷ୍ଠାନିକ ସ୍ୱାଗତ କରାଯିବ। ଏହି ଗସ୍ତ ସମୟରେ ମହାମହିମ ଅମୀର ଆମ ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବେ, ଏବଂ ଏହି ଅବସରରେ ତାଙ୍କ ସମ୍ମାନରେ ଏକ ରାଜଭୋଜର ଆୟୋଜନ ମଧ କରିଛନ୍ତି। ମହାମହିମ ଅମୀର ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ବାବଦରେ ଆମର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିବେ।

3. ଭାରତ ଏବଂ କତର ମଧ୍ୟରେ ବନ୍ଧୁତ୍ୱ, ବିଶ୍ୱାସ ଏବଂ ପାରସ୍ପରିକ ସମ୍ମାନର ଏକ ନିବିଡ଼ ଐତିହାସିକ ସମ୍ବନ୍ଧ ରହିଆସିଛି। ଗତ କିଛି ବର୍ଷ ମଧ୍ୟରେ ବାଣିଜ୍ୟ, ନିବେଶ, ଶକ୍ତି, ପ୍ରଯୁକ୍ତି, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଆହୁରି ଅଧିକ ବୃଦ୍ଧି ପାଇଛି। କତରରେ ରହୁଥିବା ଭାରତୀୟ ସମୁଦାୟ ହେଉଛନ୍ତି କତରର ସବୁଠାରୁ ବଡ ପ୍ରବାସୀ ସମୁଦାୟ ଏବଂ କତରର ପ୍ରଗତି ଓ ବିକାଶରେ ସେମାନଙ୍କର ସକରାତ୍ମକ ଯୋଗଦାନ ପାଇଁ ସେମାନେ ପ୍ରଶଂସା ଲାଭ କରିଛନ୍ତି। ମହାମହିମ ଅମୀରଙ୍କ ଭାରତ ଗସ୍ତ ଉଭୟ ଦେଶର ବୃଦ୍ଧିଶୀଳ ବହୁମୁଖୀ ଭାଗିଦାରୀକୁ ଆହୁରି ଅଧିକ ଗତି ପ୍ରଦାନ କରିବ।

ନୂଆଦିଲ୍ଲୀ

ଫେବୃୟାରୀ 15, 2025